Institute of
Media
Studies
ESTD. 1994

Institute of Media Studies
(Affiliated to Utkal University)
Orissa Co-operative Housing Corp. complex
Unit-III, Kharvel Nagar, Bhubajneswar-751001
Tel: 0674 – 2394312, Fax -: 0674 – 2394314
E-mail:iims_bbsar@rediffmail.com, imsodisha@gmail.com
Website: www.imsorissa.org.in

# ଆଇ. ଏମ୍.ଏସ୍.ରେ ଗୁରୁଦିବସ ପାଳିତ

ଭୁବନେଶ୍ୱର ୦୫/୦୯ : ସ୍ଥାନୀୟ ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ ଠାରେ ଆଜି ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କର ଜନ୍ମବାର୍ଷିକୀ ତଥା ଗୁରୁଦିବସ ପାଳିତ ହୋଇଯାଇଛି । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗୁରୁବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାପରେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢୀ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇ କହିଥିଲେ ଯେ ଆଜିର ଅବକ୍ଷୟମୁଖୀ ସମାଜରେ ଗୁରୁଶିଷ୍ୟ ପରଂପରା ଦିନକୁ ଦିନ କ୍ଷୀଣ ହେବାରେ ଲାଗିଛି । ପୌରାଣିକ ଯୁଗର ବିଭିନ୍ନ ବିଷୟବସ୍ତୁକୁ ମନେପକାଇ ସେ ଏହି ପରଂପରାକୁ ଉଜ୍ଜୀବିତ ରଖିବାପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ । ଶିକ୍ଷକଙ୍କର ଭୂମିକାକୁ ଗୁରୁତ୍ୱାରୋପ କରି, ସମାଜସେବା ବିଭାଗର ସଂଯୋଜିକା ଡଃ ଗାୟତ୍ରୀ ପଟ୍ଟନାୟକ ପିତାମାତାଙ୍କ ଠାରୁ ଆରମ୍ଭ କରି, ବୃତିଗତ ଜୀବନ ପର୍ଯ୍ୟନ୍ତ ବିଭିନ୍ନ ଗୁରୁମାନଙ୍କର ଶିଷ୍ୟର ଚରିତ୍ର ଗଠନରେ ଅତୁଟ ଭୂମିକାକୁ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ସଂଯୋଜକ ମାନୋରଂଜନ ପଣ୍ଡା, ବାଣିଜ୍ୟ ବିଭାଗର ସଂଯୋଜିକା ସ୍ନିଗ୍ଧା ଜ୍ୟୋସ୍ନାମୟୀ, ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ । ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ସୁନିତା ସେଠିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସମାଜ ସେବା ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ରାଜଶ୍ରୀ ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ ।